## କରୋନାରୁ ଜଣେ ସୁସ୍ଥ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ଶୁକ୍ରବାର କେହି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଫଳରେ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୫୫୩ରେ ସ୍ଥିର ରହିଛି। ତେବେ ଦିନକରେ ଜିଲାରୁ କୋଭିଡ୍‌ରୁ ଜଣେ ସୁସ୍ଥ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ଵାଇଁ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୧୮ ଜଣଙ୍କ ମୃତ୍ୟୁ କୋଭିଡ୍‌ରେ ହୋଇଥିବାବେଳେ ୧୭ ଲକ୍ଷ ୬୯ ହଜାର ୯୨୭ ଜଣଙ୍କୁ ଟିକା ଦିଆଯାଇଛି।

## ସଂକ୍ଷେପରେ

### ୩ ଶିକାରୀ ଗିରଫ, ବନ୍ଧୁକ ଜବତ



**ବଇଣ୍ଡା,୨୫।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ତିଳେଶ୍ଵର ଜଙ୍ଗଲରୁ ଶୁକ୍ରବାର ଭୋର୍ ସମୟରେ ବନ ବିଭାଗର ଏକ ସ୍ଵତନ୍ତ୍ର ଟିମ୍ ଚଢ଼ାଉ କରି ୩ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ହଣ୍ଡପା ଥାନା ସେରେଣ୍ଡା ଗ୍ରାମର ବବୁଲ ବେହେରା, ଗଦେଇମୁଣ୍ଡା ଗ୍ରାମର ଗିରୀଶ ଦେହୁରୀ, ଆକୁଳ ଦେହୁରୀ। ସେମାନଙ୍କ ଠାରୁ ୨ଟି ଦେଶୀ ବନ୍ଧୁକ ସହ ୪ଟି ଅଫୁଟା ଗୁଳି ଜବତ କରାଯାଇଛି। ଆକୁଳ, ଗିରୀଶ ଓ ବବୁଲ ସକାଳୁ ଜଙ୍ଗଲକୁ ଜନ୍ତୁ ଶିକାର କରିବା ପାଇଁ ଯାଉଥିବା ଖବରପାଇ ଫରେଷ୍ଟର ଦୀପ୍ତିରଞ୍ଜନ ବିଶ୍ଵାଳ, ଗଜେନ୍ଦ୍ର ବେହେରା, ଟୁଲୁ ବେହେରା, ସରୋଜ ପ୍ରଧାନ, କୃଷ୍ଣଚନ୍ଦ୍ର ଥାପା ପ୍ରମୁଖ ଚଢ଼ାଉ କରିଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି।

### ପ୍ରଦୀପ ନାଇଟ ଟୁର୍ଣାମେଣ୍ଟ ଉଦ୍‌ଘାଟିତ

**ବଇଣ୍ଡା,୨୫।୩(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମ ଖେଳ ପଡିଆଠାରେ ଗୁରୁବାର ରାତିରେ ପ୍ରଦୀପ ମୁଜେସ ମେମୋରିଆଲ ଟୁର୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭବେ ସମିତିସଭ୍ୟ ମନୋରଞ୍ଜନ ସାହୁ, ସୁନୀଲ ସାହୁ, ସୁଜିତ କୁମାର ଦେହୁରୀ, ଦେବରାଜ ଦେହୁରୀ, ଶତ୍ରୁଘ୍ନ ସାହୁ, ପ୍ରଣବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିବସରେ ୮ଟି ଦଳ ଭାଗ ନେଇଥିଲେ। ପ୍ରଥମ ମ୍ୟାଚରେ ପୋକଣ୍ଡାକୁ ହରାଇ ତାଳମଲିହା ବିଜୟୀ ହୋଇଥିବାବେଳେ ଦ୍ଵିତୀୟ ମ୍ୟାଚରେ ପାପସରାକୁ ହରାଇ ଠାକୁରଗଡ଼, ତୃତୀୟ ମ୍ୟାଚରେ ଆଠମଲ୍ଲିକକୁ ହରାଇ ବାଗେଡିଆ ଓ ୪ର୍ଥ ମ୍ୟାଚରେ କିଶୋରନଗରକୁ ହରାଇ ମାଧପୁର ବିଜୟୀ ହୋଇଥିଲା। ବିପିନ ସାହୁ, ଶରତ କୁମାର ରାଉତ ଖେଳ ପରିଚାଳନା କରିଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର

**ଅନୁଗୋଳ ଅଫିସ,୨୫।୩:** ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ତରଫରୁ କାଣ୍ଡସର ଗ୍ରାମରେ ପଞ୍ଚଦୋଳ ଯାତ୍ରା ଅବସରରେ ଏକ ମୁକ୍ତମଞ୍ଚ ଜଣାଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଉନ୍ନୟନ କମିଟି ସଭାପତି ଅବସରପ୍ରାପ୍ତ ଡିଏସ୍‌ପି ଉଦୟନାଥ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ସମ୍ପାଦକ ଧନେଶ୍ଵର ସାହୁ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ଗୌରଚନ୍ଦ୍ର ପ୍ରଧାନ, ସାହି ମୁଖିଆ ବିଶ୍ଵନାଥ ପ୍ରଧାନ, ନକୁଳ ଚନ୍ଦ୍ର ପ୍ରଧାନ, ଦୁଃଖବନ୍ଧୁ ସାହୁ, ବସନ୍ତ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶାଖା ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ ପ୍ରଶ୍ନମଞ୍ଚ ସଞ୍ଚାଳନ କରିଥିଲେ। ଆଖପାଖ ଗ୍ରାମର ଛାତ୍ରୀଛାତ୍ର ଏବଂ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସୁଶ୍ରୀ ପ୍ରଜ୍ଞା ସାହୁ, ରୋଜାଲିନ ସାହୁ, ଦେବସ୍ମିତା ପ୍ରଧାନ, କାହ୍ନା ସାହୁ, ରିତେଶ ସାହୁ, ଶୁଭ୍ରାଂଶୁ ପ୍ରଧାନ, ଆଦିତ୍ୟ ଅଂଶୁମାନ ପ୍ରଧାନ, ଶୁଭକୃତୀ ସିଂ ପ୍ରମୁଖ ୩୦ରୁ ଉର୍ଦ୍ଧ୍ଵ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପଞ୍ଚଦୋଳ କମିଟି ସଭାପତି ଗୌରଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

### ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ



**ବଇଣ୍ଡା,୨୫।୩(ଡି.ଏନ.ଏ.)-** ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଓଡ଼ିଶା ଦିବସ ପ୍ରସ୍ତୁତି ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ପରିସରରେ ଶନିବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ଲଳିତ ମୋହନ ବେହେରାଙ୍କ ସଭାପତିତ୍ଵରେ ଅନୁଷ୍ଠିତ ବୈଠକରେ ସହକାରୀ ଜିଲାପାଳ କୁଳମଣି ଦଳେଇ, ଆଠମଲ୍ଲିକ ତହସିଲଦାର ସୋଫି ସାଇନିକା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର, ଏନ.କେ. ମହାକୁଡ, ଦେବରାଜ ନାୟକ, ବ୍ରଜ ଗୋପାଳ ମିଶ୍ର, ବିଭୂତି ଭୂଷଣ ସାହୁ, ଜିତେନ୍ଦ୍ର କୁମାର ମୁଖୀ, ରବୀନ୍ଦ୍ର ଦାସ, ବୀରେନ୍ଦ୍ର କୁମାର ମିଶ୍ର, ବିଜୟ କୁମାର ବେହେରା, କ୍ଷେତ୍ରମୋହନ ନାୟକଙ୍କ ସମେତ ବହୁ ସରକାରୀ ଅଧିକାରୀ ଯୋଗ ଦେଇ କିଭଳି ଓଡ଼ିଶା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ।

# ଆଜି ପୌର ନିର୍ବାଚନ ଫଳ

**ଅନୁଗୋଳ ଅଫିସ/ ତାଳଚେର/ ବଇଣ୍ଡା, ୨୫।୩**

- ଅନୁଗୋଳ, ତାଳଚେର, ଆଠମଲ୍ଲିକରେ କଡ଼ା ସୁରକ୍ଷା ବ୍ୟବସ୍ଥା
- ସକାଳ ୮ଟାରୁ ଆରମ୍ଭ ହେବ ଭୋଟ ଗଣତି
- ଅଧକ୍ଷଙ୍କ ପାଇଁ ୪, କାଉନସିଲରଙ୍କ ପାଇଁ ୪ ଟେବୁଲ




ଅନୁଗୋଳ ଜିଲାର ଅନୁଗୋଳ ଓ ତାଳଚେର ପୌର ପରିଷଦ ଏବଂ ଆଠମଲ୍ଲିକ ଏନ୍‌ଏସି ପାଇଁ ଗତ ୨୪ ତାରିଖରେ ହୋଇଥିବା ଭୋଟଗ୍ରହଣର ଫଳାଫଳ ଶନିବାର ପ୍ରକାଶ ପାଇବ। ସକାଳ ୮ଟାରୁ ଅନୁଗୋଳ, ତାଳଚେର ଓ ଆଠମଲ୍ଲିକରେ ଭୋଟ ଗଣତି ଆରମ୍ଭ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ ହୋଇଥିବାବେଳେ ଗଣତି କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅଧକ୍ଷ ପ୍ରାର୍ଥୀଙ୍କ ଭୋଟ ଗଣତି ପାଇଁ ୪ଟି ଟେବୁଲ ଓ କାଉନସିଲର ପ୍ରାର୍ଥୀମାନଙ୍କ ଭୋଟ ଗଣତି ପାଇଁ ୪ଟି ଟେବୁଲ ରଖାଯାଇଛି।

୨୩ ୱାର୍ଡ ବିଶିଷ୍ଟ ଅନୁଗୋଳ ପୌର ପରିଷଦ ନିର୍ବାଚନରେ ମୋଟ୍ ୮୩ ପ୍ରାର୍ଥୀ ରହିଥିଲେ। ସେମାନଙ୍କ ମଧ୍ୟରୁ ଅଧକ୍ଷ ପଦ ପାଇଁ ୮ ଓ କାଉନସିଲର ପଦବୀ ପାଇଁ ୭୫ ଜଣ ପ୍ରତିଦ୍ଵନ୍ଦ୍ଵିତା କରିଥିଲେ। ଅନୁଗୋଳ କଲେଜରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍‌ଗୁଡ଼ିକ ରଖାଯାଇଥିବାବେଳେ ଶନିବାର ସକାଳ ୮ଟାରୁ ସେଠାରେ ଗଣତି ଆରମ୍ଭ ହେବ। ୪୫ ଜଣ କର୍ମଚାରୀ ଏହି ଗଣତି କରିବେ। ଅଧକ୍ଷ ପଦ ପାଇଁ ପଡ଼ିଥିବା ଭୋଟ ଗଣତି ନିମନ୍ତେ ୪ଟି ଟେବୁଲ ରଖାଯାଇଛି। କାଉନସିଲର ପଦବୀ ପାଇଁ ମିଳିଥିବା ଭୋଟ ଗଣତି ପାଇଁ ୪ଟି ଟେବୁଲ ବ୍ୟବସ୍ଥା ହୋଇଛି। ରାଜନୈତିକ ଦଳ ଗୁଡ଼ିକର ଜଣେ ଲେଖାଏ ଏଜେଣ୍ଟଙ୍କୁ ଗଣତି କେନ୍ଦ୍ର ମଧ୍ୟରେ ରଖାଯିବ। ପ୍ରତି ରାଉଣ୍ଡ ଗଣତି ପରେ ଡାକବାଜି ମାଧ୍ୟମରେ ସୂଚନା ପ୍ରଦାନ କରାଯିବ। ସେହିପରି ୨୧ ୱାର୍ଡବିଶିଷ୍ଟ ତାଳଚେର ପୌର ପରିଷଦ ନିର୍ବାଚନରେ ୭୬ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ଅଧକ୍ଷ ପଦବୀ ପାଇଁ ୯ ଓ କାଉନସିଲର ପଦବୀ ନିମନ୍ତେ ୬୯ ଜଣ ନିର୍ବାଚନ ରଣାଙ୍ଗନରେ ଥିଲେ। ଇଭିଏମ୍‌ରେ ବନ୍ଦ ରହିଥିବା ସେମାନଙ୍କ ଭାଗ୍ୟ ସିଡିପିଓ କାର୍ଯ୍ୟାଳୟ ମିଟିଂ ହଲଠାରେ ଖୋଲିବାକୁ ଯାଉଥିବାରୁ ପ୍ରାର୍ଥୀମାନଙ୍କ ହୃଦ୍‌ସ୍ପନ୍ଦନ ବଢ଼ିଯାଇଛି। କିଏ ବିଜୟୀ ହେବେ ତାହାକୁ ନେଇ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଅଙ୍କକଷା ଜାରି ରହିଛି। ତାଳଚେର ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ବିଶ୍ଵ ରଞ୍ଜନ ରଥ ଓ ଅନ୍ୟ ଅଧିକାରୀମାନେ ଗଣତିକେନ୍ଦ୍ରରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ସେହିପରି ୧୧ ୱାର୍ଡ ବିଶିଷ୍ଟ ଆଠମଲ୍ଲିକ ଏନ୍‌ଏସି ନିର୍ବାଚନର ଭୋଟ ଗଣତି ପାଇଁ ଆଠମଲ୍ଲିକ ମହାବିଦ୍ୟାଳୟଠାରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଅଧକ୍ଷ ପଦବୀ ପାଇଁ ଏଥର ୫ଜଣ ଓ କାଉନସିଲର ପଦବୀ ପାଇଁ ୪୦ଜଣ ପ୍ରାର୍ଥୀ ରହିଥିଲେ। ଏଠାରେ ଶାନ୍ତି ଶୃଙ୍ଖଳାର ସହ ଯେପରି ଭୋଟ ଗଣତି ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ନିର୍ବାଚନ ଅଧିକାରୀ ସୋଫି ସାଇନିକା କହିଛନ୍ତି।

# ରଶ୍ମିତା ଜିଲା ପରିଷଦ ଉପସଭାପତି

**ଅନୁଗୋଳ ଅଫିସ, ୨୫।୩**


ବିଧାୟକ, ଦଳୀୟ କର୍ମକର୍ତ୍ତାଙ୍କ ସହ ବିଜୟୀ ଉପସଭାପତି ରଶ୍ମିତା ସେଠୀ।

ଅନୁଗୋଳ ଜିଲା ପରିଷଦ ଉପସଭାପତି ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏକମାତ୍ର ପ୍ରାର୍ଥୀ ହୋଇଥିବା ବିଜେଡିର କଣିହାଁ ୮ନଂ.

**ଉଭୟ ପଦବୀରେ ମହିଳାଙ୍କୁ ନେଇ ଚର୍ଚ୍ଚା**

ଜିଲା ପରିଷଦ ଜୋନ୍ ସଦସ୍ୟା ରଶ୍ମିତା ସେଠୀଙ୍କୁ ନିର୍ଦ୍ଵନ୍ଦ୍ଵରେ ବିଜୟୀ ଘୋଷଣା କରାଯାଇଛି। ଫଳରେ ସଭାପତି ପଦବୀ ପରି ଉପସଭାପତି ପଦବୀ ମଧ୍ୟ ମହିଳା କୋଟାକୁ ଯାଇଛି।

ଅନୁଗୋଳ ଜିଲାର ୨୮ଟି ଜିଲା ପରିଷଦ ଆସନ ମଧ୍ୟରୁ ଏଥର ବିଜେଡି ୨୭ଟି ଜୋନ୍ ଅକ୍ତିଆର କରିଥିଲା। ଭାଜପା କେବଳ ଗୋଟିଏ ଆସନ ପାଇଥିଲା। ତେଣୁ ଜିଲା ପରିଷଦ ଗଠନ ସହ ସଭାପତି ପରି ଉପସଭାପତି ପଦବୀ ମଧ୍ୟ ବିଜେଡି ଅକ୍ତିଆର କରିବ ବୋଲି ପୂର୍ବରୁ ସ୍ପଷ୍ଟ ହୋଇଯାଇଥିଲା। ତଥାପି ନିୟମ ଅନୁଯାୟୀ ଶୁକ୍ରବାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ଵ) ସନ୍ତୋଷ କୁମାର ପ୍ରଧାନ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୦ଟା ୩୦ରୁ ୧୧ଟା ୩୦ ମନୋନୟନ ପତ୍ର ଦାଖଲ ପାଇଁ ସମୟ ରଖାଯାଇଥିବା ବେଳେ ଏକମାତ୍ର ପ୍ରାର୍ଥୀ ଭାବେ ବିଜେଡିର ରଶ୍ମିତା ସେଠୀ ୧୦ଟା ୪୫ରେ ୨ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ଉଭୟ ପ୍ରାର୍ଥିପତ୍ର ଠିକ୍ ଥିବାରୁ ନିର୍ବାଚନ ଅଧିକାରୀ ରଶ୍ମିତାଙ୍କୁ ନିର୍ଦ୍ଵନ୍ଦ୍ଵରେ ନିର୍ବାଚିତ ବୋଲି ଘୋଷଣା କରିଥିଲେ। ଏଥିସହ ନିର୍ବାଚନ ଅଧିକାରୀ ନୂଆ ଉପସଭାପତିଙ୍କୁ ଶପଥପାଠ କରାଇଥିଲେ।

ତେବେ ଜିଲା ପରିଷଦ ସଭାପତି ପରି ଉପସଭାପତି ପଦବୀରେ ମଧ୍ୟ ଦଳ ମହିଳାଙ୍କୁ ପ୍ରାଧାନ୍ୟ ଦେଇଥିବାରୁ ଏହା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ଜିଲା ପରିଷଦ ସଭାପତି ଭାବେ କିଶୋରନଗର ବ୍ଲକ ୧୧ନଂ. ଜିଲା ପରିଷଦ ଜୋନ୍ ସଦସ୍ୟା ବବିତା ପ୍ରଧାନ ନିର୍ବାଚିତ ହୋଇଥିଲେ। ତେଣୁ ଉପସଭାପତି ପଦବୀ ପୁରୁଷଙ୍କ ଭାଗରେ ପଡ଼ିପାରେ ବୋଲି କୁହାଯାଉଥିଲା। ହେଲେ ଦଳ ପକ୍ଷରୁ ରଶ୍ମିତା ସେଠୀଙ୍କୁ ଟିକେଟ୍ ଦିଆଯିବା ଜିଲାରେ ଆଲୋଚନାର ବିଷୟ ହୋଇଛି।

# ଯକ୍ଷ୍ମା ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ,୨୫।୩**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଦାୟିତ୍ଵବୋଧ ଶାଖା ରୂପେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ବିଶ୍ଵ ଯକ୍ଷ୍ମା ଦିବସ-୨୦୨୨ ପାଳିତ ହୋଇଯାଇଛି। ଏହି ଅବସରରେ ଯକ୍ଷ୍ମା ରୋଗର କିପରି ନିରାକରଣ କରାଯାଇପାରିବ, ସେ ସମ୍ବନ୍ଧରେ ପ୍ଲାଣ୍ଟ ପରିସର ଏବଂ ପାର୍ଶ୍ଵବର୍ତ୍ତୀ ଗ୍ରାମାଞ୍ଚଳରେ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଏସ୍‌ପିଏଲ ଫାଉଣ୍ଡେଶନ ଅକୁପେଶନାଲ ହେଲଥ ସେଣ୍ଟର ମାଧ୍ୟମରେ ପ୍ଲାଣ୍ଟ ପରିସର ଓ ଆଖପାଖ ଗ୍ରାମରେ ବସବାସ କରୁଥିବା ଜନସାଧାରଣଙ୍କ ଏକ ସୁସ୍ଥ ଜୀବନଶୈଳୀ ପାଇଁ ସର୍ବଦା ପ୍ରୟତ୍ନଶୀଳ। ଫାଉଣ୍ଡେଶନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଯକ୍ଷ୍ମା ନିୟନ୍ତ୍ରଣ ନିମନ୍ତେ ୮୬୯୮ଟି ସ୍କ୍ରିନିଂ କ୍ୟାମ୍ପର ଆୟୋଜନ କରାଯାଇ ୨୨, ୭୫୧୪ ଜଣଙ୍କ ସ୍କ୍ରିନିଂ କରାଯାଇଛି ଏବଂ ଆବଶ୍ୟକ ବ୍ୟକ୍ତି ବିଶେଷଙ୍କୁ ଔଷଧ ସହ ନିୟମିତ କାଉନସେଲିଂ ପ୍ରଦାନ କରାଯାଉଛି।


କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଗ୍ରାମବାସୀ।

# ବକେୟା ଦରମା ପ୍ରଦାନ ଦାବି

**ତାଳଚେର,୨୫।୩(ନି.ପ୍ର.)**

ତାଳଚେର ଥର୍ମାଲ ଟାଉନଶିପ୍‌ରେ ନିୟୋଜିତ ଏକ ସିକ୍ୟୁରିଟି ଏଜେନ୍ସିର ସୁରକ୍ଷାକର୍ମୀମାନେ ଦରମା ଏବଂ ଅନ୍ୟାନ୍ୟ ଦାବି ନେଇ ଶୁକ୍ରବାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଛନ୍ତି, ଏନ୍‌ଟିପିସି/ଟିଟିପିଏସ୍‌ରେ ନିୟୋଜିତ ସମସ୍ତ ସଂସ୍ଥା ସେମାନଙ୍କ ମାସିକିଆ ବେତନ ଠିକ୍ ସମୟରେ ପାଉଥିବାବେଳେ ଥର୍ମାଲ ଟାଉନଶିପ୍‌ରେ ୨୦୨୧ରୁ କାମ କରୁଥିବା ଉକ୍ତ ସିକ୍ୟୁରିଟି ଏଜେନ୍ସିର ୫୦ରୁ ଉର୍ଦ୍ଧ୍ଵ ଘରୋଇ ସୁରକ୍ଷାକର୍ମୀଙ୍କୁ ନିୟମିତ ଦରମା ମିଳୁନାହିଁ। ଗତ ୪ ମାସ ହେବ ଦରମା ମିଳି ନ ଥିବାରୁ ସେମାନେ ଆର୍ଥିକ ଅସୁବିଧାରେ ଅଛନ୍ତି। ଏପରିକି ଇଏସ୍‌ଆଇରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ପିଏଫ୍ ଟଙ୍କା ପାଇବାରେ ମଧ୍ୟ ଅସୁବିଧା ସୃଷ୍ଟି ହୋଇଛି। ଏ ନେଇ ଡାଇରେକ୍ଟର ଜେନେରାଲ ଅଫ୍ ରିସେଟେଲମେଣ୍ଟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ଥର୍ମାଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଯାଇଛି। ଚଳିତମାସ ଶେଷ ସୁଦ୍ଧା ଦରମା ପ୍ରଦାନ କରା ନ ଗଲେ ଏପ୍ରିଲ ପହିଲାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ଖବରପାଇ ବିଭାଗୀୟ କର୍ତ୍ତୃପକ୍ଷ ପହଞ୍ଚି ଦାବି ପୂରଣ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।


ଧାରଣାରେ ବସିଥିବା ସୁରକ୍ଷାକର୍ମୀମାନେ।

## ଶହୀଦଙ୍କ ଜୀବନୀ ସମ୍ପର୍କରେ ଆଲୋଚନା

**ଅନୁଗୋଳ ଅଫିସ,୨୫।୩**

ପାଲଲହଡା ଉପଖଣ୍ଡ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ମହିଳା ଓ ପୁରୁଷ ୟୁନିଟ୍ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଇଛି। କଲେଜ ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଶହୀଦ ଭଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ। ଏଥିସହ ଶହୀଦ ଭଗତ ସିଂ, ଶିବରାଜ ଗୁରୁ ଓ ଶୁକଦେବଙ୍କ ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶହୀଦମାନଙ୍କ ଦ୍ଵାରା ଯୁବପିଢ଼ି ଅନୁପ୍ରାଣିତ ହେବାକୁ ଆହ୍ଵାନ ଦେଇଥିଲେ। ଜାତୀୟସେବା ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ନସିକା ବନଛୁର ଓ ଅଧ୍ୟାପକ ନିରଞ୍ଜନ ମହନ୍ତଙ୍କ ନେତୃତ୍ଵରେ ଛାତ୍ରୀଛାତ୍ରମାନେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବହୁ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

# ଜଳ ପ୍ରକଳ୍ପ ଅଚଳ, ଛାତ୍ରୀଛାତ୍ର ହନ୍ତସନ୍ତ

**ବଇଣ୍ଡା,୨୫।୩(ଡି.ଏନ.ଏ.)**

ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିଲେ ମଧ୍ୟ ଆଠମଲ୍ଲିକ ବ୍ଲକରେ ଥିବା ପାନୀୟ ଜଳ ସମସ୍ୟାର ସମାଧାନ ହୋଇନାହିଁ। ଫଳରେ ପାନୀୟ ଜଳ ପାଇଁ କେଉଁଠି ଗ୍ରାମବାସୀ ତ କେଉଁଠି ସ୍କୁଲ ପିଲାଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ପେଡିପଥର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ବର୍ଷ ହେବ ଅଚଳ ହୋଇପଡ଼ିଛି। ଏହାର ମରାମତି କରାଯାଉ ନ ଥିବା ଅଭିଭାବକମାନେ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ଏହି ବିଦ୍ୟାଳୟରେ ୧୨୫ ଛାତ୍ରୀଛାତ୍ର ପଢୁଥିବାବେଳେ ସେମାନଙ୍କ ପିଇବା ପାଇଁ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ହେଲେ ଉକ୍ତ ପ୍ରକଳ୍ପ ଦୀର୍ଘ ୩ ବର୍ଷ ହେବ ଅଚଳ ହୋଇ ପଡିଛି। ଏପରିକି ବିଦ୍ୟାଳୟରେ ପିଲାଙ୍କ ଜଳ ସମସ୍ୟାର ସମାଧାନ ପାଇଁ ଏକ ନଳକୂଅ ମଧ୍ୟ ନାହିଁ। ଏଥିଯୋଗୁ ପୂର୍ତ୍ତ ବିଭାଗ ରାସ୍ତା ପାରହୋଇ ଛାତ୍ରୀଛାତ୍ରମାନେ ପାଣି ପିଇବା ପାଇଁ ଯାଉଛନ୍ତି। ଏ ନେଇ ପୂର୍ବରୁ ବହୁବାର ଅଭିଯୋଗ କରାଯାଇଥିଲେ ବି ଶିକ୍ଷା ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ତୁରନ୍ତ ଏକ ନୂତନ ନଳକୂଅ ଖନନ ସହ ଅଚଳ ପ୍ରକଳ୍ପ ମରାମତି କରିବା ପାଇଁ ପେଡିପଥର ଗ୍ରାମବାସୀ ଦାବି କରିଛନ୍ତି।


ବିଦ୍ୟାଳୟରେ ଅଚଳ ଅବସ୍ଥାରେ ଥିବା ପାନୀୟ ଜଳ ପ୍ରକଳ୍ପ।

## ଅବକାରୀ ଚଢ଼ାଉ, ୪ ଗିରଫ

**ବଇଣ୍ଡା,୨୫।୩(ଡି.ଏନ.ଏ.)**

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୪ ଜଣଙ୍କୁ ଗିରଫ କରାଯାଇଛି। ହଣ୍ଡପା ଥାନା ଅଁଳାବେରେଣୀ ଗ୍ରାମରେ ଚଢ଼ାଉ କରାଯାଇ ପ୍ରକାଶ ଦେହୁରୀଙ୍କ ଘରୁ ୧୫ ଲିଟର, ପୂର୍ଣ୍ଣଚନ୍ଦ୍ର ଷଣ୍ଢଙ୍କ ଘରୁ ୨୨ ଲିଟର, କଦଳୀମୁଣ୍ଡା ଗ୍ରାମର ସୁଶାନ୍ତ ବେହେରାଙ୍କ ଘରୁ ୧୭ ଲିଟର ଓ ମଧପୁର ଗ୍ରାମର ଅଜୟ କୁମାର ନାୟକଙ୍କ ଘରୁ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

# ବ୍ଲକ ଅଧ୍ୟକ୍ଷଙ୍କ ଦାୟିତ୍ଵ ଗ୍ରହଣ


ଦାୟିତ୍ଵ ଗ୍ରହଣ କରୁଥିବା ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷଙ୍କ ସହ ଦଳୀୟ କର୍ମକର୍ତ୍ତାମାନେ।

**ବଇଣ୍ଡା,୨୫।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଭାବେ ଦୁଃଶାସନ ରାଉଳ ଶୁକ୍ରବାର ଦାୟିତ୍ଵ ଗ୍ରହଣ କରିଛନ୍ତି। କାର୍ଯ୍ୟାଳୟ ପ୍ରବେଶ ପୂର୍ବରୁ ପ୍ରଥମେ ପୂଜାପାଠ ସହ ହୋମଯଜ୍ଞ କରାଯାଇଥିଲା। ପରେ ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁଙ୍କ ଠାରୁ ଦୁଃଶାସନ ଦାୟିତ୍ଵ ଗ୍ରହଣ କରିଥିଲେ। ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତର କିପରି ବିକାଶ କରାଯିବ ଓ ପିଇବା ପାଣି, ସ୍ଵାସ୍ଥ୍ୟ, ରାସ୍ତାର ଉନ୍ନତି ହୋଇପାରିବ, ତାହା ଉପରେ ଅଧିକ ଗୁରୁତ୍ଵ ଦିଆଯିବ ବୋଲି ବ୍ଲକ ଅଧ୍ୟକ୍ଷ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ବିଜେଡି ନେତା ଚୌଧୁରୀ ସାଏ, ଅନିତା ଦେହୁରୀ, ବବିତା ପ୍ରଧାନ, ତପସ୍ଵନୀ ନାୟକ, ମାମି ସେଠୀ, ଅଖିଳ ସାହୁ, ଟୁସର ସରପଞ୍ଚ ଅଶୋକ କୁମାର ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।

# ୪୨୯ ଭିନ୍ନକ୍ଷମ ଚିହ୍ନଟ

**କଣିହାଁ,୨୫।୩(ଡି.ଏନ.ଏ.)**

କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନର ପ୍ରଥମ ପର୍ଯ୍ୟାୟ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ତତ୍ତ୍ଵାବଧାନରେ ଆୟୋଜିତ ଏହି ଶିବିରରେ ୪୨୯ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ, ଜିପିଓ ସୁଜାତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଚିହ୍ନଟ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର, ୯ ଜଣଙ୍କୁ ଟ୍ରାଇ ସାଇକେଲ ଓ ୧୧ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଜିଲାର ବିଭିନ୍ନ ବିଭାଗର କର୍ମଚାରୀ, ସରକାରୀ ଡାକ୍ତର ଜି.ବି. ବିଶ୍ଵାଳ, ପି.କେ. ମହାନ୍ତି, ଡି. ଗଡ଼ନାୟକ, ଏନ୍. ସାହୁଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ। କଣିହାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁହାସିନୀ ପ୍ରଧାନ ଓ ଅନ୍ୟମାନେ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଆକ୍ରମଣରେ ଗର୍ଭସ୍ଥ ଶିଶୁର ମୃତ୍ୟୁ ଅଭିଯୋଗ

**ଛେଣ୍ଡିପଦା,୨୫।୩(ସ୍ଵ.ପ୍ର.)**

ଛେଣ୍ଡିପଦା ଥାନା ରାଇପାଳ ଗ୍ରାମର ଡିଲରଙ୍କ ସ୍ଵାମୀ ଓ ପରିବାର ସଦସ୍ୟଙ୍କ ଆକ୍ରମଣରେ ଜଣେ ରାଶନ ହିତାଧିକାରୀ ମହିଳାଙ୍କ ଗର୍ଭସ୍ଥ ସନ୍ତାନର ମୃତ୍ୟୁ ହୋଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ୭ଦିନ ତଳେ ରାଇପାଳ ଗ୍ରାମର ବିଦେଶୀ ବେହେରାଙ୍କ ଗର୍ଭବତୀ ସ୍ତ୍ରୀ ମିଲି ବେହେରା ଘରେ ଏକୁଟିଆ ଥିବାବେଳେ ଡିଲରଙ୍କ ସ୍ଵାମୀ ପହଞ୍ଚି ଏକ ସାଦା କାଗଜରେ ଦସ୍ତଖତ କରିବାକୁ କହିଥିଲେ। ମିଲି ମନା କରିବାରୁ ଡିଲରଙ୍କ ସ୍ଵାମୀ ଫେରିଯାଇଥିଲେ। କିଛି ସମୟ ପରେ ଡିଲରଙ୍କ ସ୍ଵାମୀ ପରିବାରର ଅନ୍ୟ ସଦସ୍ୟଙ୍କ ସହ ପହଞ୍ଚି ମିଲିଙ୍କୁ ମାଡ଼ ମାରିଥିଲେ। ପେଟରେ ଗୋଇଠା ମାରିବାରୁ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା ନେଇ ମିଲି ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଉପରେ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ତେବେ ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଡିଲର କିମ୍ବା ତାଙ୍କ ସ୍ଵାମୀଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

# ଦୁର୍ନୀତି, ଭ୍ରଷ୍ଟାଚାର ପ୍ରତିବାଦରେ ଗଣଧାରଣା



କୋଇଲା ଖଣି ଭାବିଷ୍ୟନିଧି କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ମୁଖରେ ଖଣି ମଜଦୁର ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

**ତାଳଚେର,୨୫।୩(ନି.ପ୍ର.)**

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସହବନ୍ଧିତ ତାଳଚେର କୋଇଲା ଖଣି ମଜଦୁର ସଂଘର ଶତାଧିକ କର୍ମୀ ଗୁରୁବାର ତାଳଚେର ଜଗନ୍ନାଥ କଲୋନୀ ପରିସରରେ ଥିବା କୋଇଲା ଖଣି ଭାବିଷ୍ୟନିଧି କ୍ଷେତ୍ରୀୟ କାର୍ଯ୍ୟାଳୟ (ସିଏମ୍‌ପିଏଫ୍‌ଓ) ସମ୍ମୁଖରେ ଗଣଧାରଣା ଦେଇଥିଲେ। କୋଇଲା ଖଣି ଭବିଷ୍ୟନିଧି ପାଣ୍ଠି ବିନିଯୋଗରେ ଦୁର୍ନୀତି ଓ ସିଏମ୍‌ପିଏଫ୍‌ଓ ଅଫିସରେ ଚାଲିଥିବା ଭ୍ରଷ୍ଟାଚାର, ଅନିୟମିତତା ପ୍ରତିବାଦରେ ଏହି ଗଣଧାରଣା ଦିଆଯାଇଥିଲା। ସଂଘର ସମସ୍ତ ଖଣି ସଭାପତି ଓ ସମ୍ପାଦକଙ୍କ ସହିତ ସାଧାରଣ ସ୍ଥାୟୀ ଏବଂ ଠିକା ଶ୍ରମିକମାନେ ଏଥିରେ ଭାଗ ନେଇଥିଲେ। ସଂଘ ସଭାପତି ଅରୁଣ ପ୍ରଧାନ ଓ ସାଧାରଣ ସମ୍ପାଦକ ସଞ୍ଜୟ ମାଝି ପରିଚାଳନା କରିଥିବାବେଳେ ବରିଷ୍ଠ ଶ୍ରମିକ ନେତା ବାଦଲ ମହାରଣା, ବିଜୟ ସାହୁ, ସୁଦର୍ଶନ ମହାନ୍ତି, ରଞ୍ଜନ ବେହେରା ଓ ସୁରଭି ସ୍ଵାଇଁ, ସଞ୍ଜିତ ମହାପାତ୍ର ପ୍ରମୁଖ ଭାବିଷ୍ୟନିଧିରେ ହୋଇଥିବା ଦୁର୍ନୀତି ଓ କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତି, ଟେଣ୍ଡର ଫିକ୍ସିଂ, ଠିକା ଶ୍ରମିକମାନଙ୍କ ସଞ୍ଚିତ ଅର୍ଥ ହଡ଼ପ, କର୍ମଚାରୀମାନଙ୍କୁ ଶୋଷଣର ପ୍ରତିବାଦ କରିଥିଲେ। ଏଥିସହ ଏହି ଦୁର୍ନୀତିର ସିବିଆଇ ତଦନ୍ତ ଦାବି କରିଥିଲେ।

## ସଂକ୍ଷେପରେ

### ଅନ୍ତ୍ୟୋଦୟ ଚାଉଳ ଖାଇଗଲା ହାତୀ



**ଢେଙ୍କାନାଳ ଅଫିସ, ୨୫।୩:** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା କୁସୁପଙ୍ଗା ଗ୍ରାମରେ ହାତୀ ଆତଙ୍କ ଦେଖାଦେଇଛି। ଗୁରୁବାର ବିଳମ୍ବିତ ରାତିରେ ଏକ ମାଈ ହାତୀ ଗୋପାଳ ବେହେରାଙ୍କ ଘର ଭାଙ୍ଗିଦେଇଛି। ଅନ୍ତ୍ୟୋଦୟ ଯୋଜନାରେ ମିଳିଥିବା ୨ ମାସର ୭୦କେଜି ଉଷୁନା ଚାଉଳ ଖାଇଦେବା ସହ ଗୋଟିଏ ବସ୍ତା ଅରୁଆ ଚାଉଳ ଶୁଣ୍ଢରେ ଟେକି ନେଇ ପଳାଇଯାଇଥିବା ଅଭିଯୋଗ ହୋଇଛି। ସେହିପରି କୁସୁପଙ୍ଗା ବିଦ୍ୟାଳୟର ମୁଖ୍ୟ ଫାଟକ ଏବଂ ବିଷ୍ଣୁ ପ୍ରସାଦ ସାହୁଙ୍କ ଘରର ମୁଖ୍ୟ ଲୁହାକବାଟ ଭାଙ୍ଗି ଦେଇଛି। ବ୍ରାହ୍ମଣୀ ନଦୀ କୂଳରେ ବିଚରଣ କରୁଥିବା ଉକ୍ତ ହାତୀ କିଛିଦିନ ହେଲା ବାରମ୍ବାର ଜନବସତିକୁ ପଶିଆସି ଉପଦ୍ରବ ସୃଷ୍ଟି କରୁଛି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତୁରନ୍ତ ବନ ବିଭାଗ ହାତୀକୁ ଅନ୍ୟତ୍ର ଘଉଡ଼ାଇବାକୁ ସେମାନେ ଦାବି କରିଛନ୍ତି।

### ସଙ୍କୁଳସ୍ତରୀୟ ଗଣିତ ପରୀକ୍ଷା




**ସାତମାଇଲ, ୨୫।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଓଡ଼ାପଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଭାରତୀ କୃଷ୍ଣ ଗଣିତ ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍କୁଳ ଅନ୍ତର୍ଗତ ୭ ବିଦ୍ୟାଳୟର ଉତ୍ସାହୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ସମ୍ବାଗ ସମ୍ପାଦକ ସନ୍ତୋଷ ପୃଷ୍ଟି , ଓଡ଼ାପଡ଼ା ସଙ୍କୁଳ ପ୍ରମୁଖ ଘନଶ୍ୟାମ ସାମଲ, ସଙ୍କୁଳ ସଂଯୋଜକ ବସନ୍ତ ସ୍ୱାଇଁ ପ୍ରମୁଖ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ। ଶିକ୍ଷାନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଗଗନ ବିହାରୀ ନାୟକ ପରୀକ୍ଷା ପରିଚାଳନା କରିଥିଲେ।

### ସମ୍ମିଳିତ ଉଦ୍ୟମରେ ଶିକ୍ଷାନୁଷ୍ଠାନ ଉନ୍ନତି ସମ୍ଭବ




**ଢେଙ୍କାନାଳ ଅଫିସ, ୨୫।୩:** ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ମୋ ସ୍କୁଲ ଅଭିଯାନର ମତ ବିନିମୟ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନର ଚିଫ୍ ଅପରେଟିଂ ଅଫିସର ଅମରଜିତ୍ ଜେନା କହିଲେ, ଶିକ୍ଷାନୁଷ୍ଠାନ ଆମକୁ ଅନେକ କିଛି ଦେଇଛି। ଏହାକୁ ଭଲ ପାଇବା ଜରୁରୀ। ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ଦ୍ୱାରା ବିଦ୍ୟାଳୟର ସର୍ବାଙ୍ଗୀନ ଉଦ୍ୟମ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରୋଗ୍ରାମ ମ୍ୟାନେଜର ଶୁଭା ପାଲିତ, ଜୋନାଲ ପ୍ରୋଜେକ୍ଟ ମନିଟରିଂ ଅଫିସର ମୟିତ୍ରୀ ବାବୁ, ପତଙ୍ଗ ଅନୁଷ୍ଠାନର ପ୍ରଶିକ୍ଷିକା ରାମେଶ୍ୱର ଗୁରୁ, ବିଇଓ ବ୍ରହ୍ମାନନ୍ଦ ରାଉତ, ଜିଲା କ୍ୟାମ୍ପେନ୍ ମୁଖ୍ୟ ଡ. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ସମୂହର ୫୨ଜଣ ପ୍ରତିନିଧି ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। '୫-ଟି' ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ଢେଙ୍କାନାଳର ବ୍ରଜନାଥ ବଡ଼ଜେନା ହାଇସ୍କୁଲ ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ହୋଇପାରିଛି ବୋଲି ମତପ୍ରକାଶ ପାଇଥିଲା। ବିଦ୍ୟାଳୟ ପରିବେଶ ସୁରକ୍ଷା, ଫଟୋଗ୍ରାଫି, ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରି ସ୍କୁଲର ଗାରିମା ବଢ଼ାଇଥିବାରୁ ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀଙ୍କୁ ପ୍ରଶଂସା କରାଯାଇଥିଲା।

# ଆଜି ୧୫୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

**ଢେଙ୍କାନାଳ ଅଫିସ, ୨୫।୩**



ଭୁବନ ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌କୁ ଜଣେ ପୋଲିସ କର୍ମଚାରୀ ଜଗିଛନ୍ତି।

ଖୋଲିବ ଇଭିଏମ୍। ନିର୍ଦ୍ଧାରଣ ହେବ ପ୍ରାର୍ଥୀଙ୍କ ଭାଗ୍ୟ। ସହରାଞ୍ଚଳବାସୀଙ୍କୁ ମିଳିବେ ସେମାନଙ୍କ ନିର୍ବାଚିତ ପ୍ରତିନିଧି। ପୌର ନିର୍ବାଚନ ପାଇଁ ଶନିବାର ମତଗଣନା ଥିବାବେଳେ ଢେଙ୍କାନାଳ ମ୍ୟୁନିସିପାଲଟି, କାମାକ୍ଷାନଗର ଏବଂ ଭୁବନ ଏନ୍‌ଏସିରେ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପୌର ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ୧୫୯ ଜଣଙ୍କ ଭାଗ୍ୟ ଇଭିଏମ୍‌ରୁ ଖୋଲିବ। ଏହାକୁ ନେଇ ଆରମ୍ଭ ହୋଇଛି ଅବଗଣନା।

ଢେଙ୍କାନାଳ ମ୍ୟୁନିସିପାଲିଟି ନିର୍ବାଚନର ଭୋଟଗଣତି ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସେଟଲମେଣ୍ଟ ଅଫିସ୍ ହଲ୍‌ରେ ପୂର୍ବାହ୍ନ ୮ଟାରୁ ଆରମ୍ଭ ହେବ। ଏଥିପାଇଁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପ୍ରସ୍ତୁତି ସରିଛି। ୨୩ ୱାର୍ଡ ବିଶିଷ୍ଟ ପୌରାଞ୍ଚଳରେ ନଗରପାଳ ପଦବୀରେ ୭ ଏବଂ କାଉନ୍‌ସିଲର ପଦବୀରେ ୮୦ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସମସ୍ତଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ନିର୍ବାଚନ ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କରାଯାଇଥିବା ୩ଟି ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମ୍ ରଖାଯାଇ ସିଲ୍ କରାଯାଇଛି। ଷ୍ଟ୍ରଙ୍ଗରୁମ୍ ସିସିଟିଭି ସ୍କାନରରେ ରହିଛି। ସେଠାରୁ କଡ଼ା ସୁରକ୍ଷା ମଧ୍ୟରେ ଇଭିଏମ୍‌ଗୁଡ଼ିକୁ ସେଟଲମେଣ୍ଟ ଅଫିସ୍ ହଲ୍‌କୁ ଅଣାଯିବ। ନଗରପାଳ ଏବଂ କାଉନ୍‌ସିଲର ପଦବୀ ପାଇଁ ଭୋଟ ଗଣତି ନିମନ୍ତେ ୫ଟି ଲେଖାଏ ଟେବୁଲ ବ୍ୟବସ୍ଥା କରାଯାଇଛି। ପ୍ରତି ଟେବୁଲ୍‌ରେ ଜଣେ କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟ ରହିବେ। ଜିଲାପାଳ ମଧ୍ୟ ଉପସ୍ଥିତ ରହି ଗଣତି କାର୍ଯ୍ୟ ନିରୀକ୍ଷଣ କରିବେ। ଅତିରିକ୍ତ ଜିଲାପାଳ ନୋଡାଲ ଅଧିକାରୀ ଏବଂ ଉପଜିଲାପାଳ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇବେ। କେବଳ ପ୍ରାର୍ଥୀ, ସେମାନଙ୍କ ଏଜେଣ୍ଟ ଏବଂ କାଉଣ୍ଟିଂରେ ନିୟୋଜିତ ଅଧିକାରୀଙ୍କୁ ପ୍ରବେଶ ଅନୁମତି ମିଳିବ। ଭୋଟଗଣତି ପୂର୍ବରୁ ସମଗ୍ର ଉପଜିଲାପାଳ କାର୍ଯ୍ୟାଳୟ ପରିସରକୁ ବ୍ୟାରିକେଡରେ ଆବଦ୍ଧ କରାଯିବ। ସେହିପରି ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ। ଭୋଟ ଗଣତି ସମ୍ପର୍କିତ ତଥ୍ୟ ନିର୍ବାଚନ କମିଶନଙ୍କ ନିକଟକୁ ପଠାଇବା ଲାଗି ତାଲିମପ୍ରାପ୍ତ କର୍ମଚାରୀ ନିୟୋଜିତ ହୋଇଛନ୍ତି। 'ପରିଣାମ' ଆପ୍ ମାଧ୍ୟମରେ ଏହି କାର୍ଯ୍ୟ କରାଯିବ ବୋଲି ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ମତଦାନ ଲାଗି ଢେଙ୍କାନାଳ ପୌରାଞ୍ଚଳର ୨୩ ୱାର୍ଡରେ ୫୩ଟି ବୁଥ୍ କରାଯାଇଥିଲା। ମୋଟ ୫୧,୧୬୧ ଭୋଟରଙ୍କ ମଧ୍ୟରୁ ୩୧,୬୫୨ଜଣ ମତଦାନ କରିଥିଲେ।

## ଭୁବନରେ ୪ ଟେବୁଲ

**ଭୁବନ, ୨୫।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ପୌର ନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇବ। ରାଜ୍ୟ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକ୍ରମେ ପୂର୍ବାହ୍ନ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଏଥିଲାଗି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଭୋଟ ଗଣତି ଲାଗି ମୋଟ ୪ ଟେବୁଲ୍ ହୋଇଛି। ସେଥିରୁ ଅଧ୍ୟକ୍ଷ ପଦବୀ ଲାଗି ୨ଟି ଏବଂ କାଉନ୍‌ସିଲର ପଦବୀ ଲାଗି ୨ଟି ନିର୍ଦ୍ଧାରିତ କରାଯାଇଥିବା ନିର୍ବାଚନ ଅଧିକାରୀ ତଥା ତହସିଲଦାର ରୋସାଲିନ୍ ବେହେରା ସୂଚନା ଦେଇଛନ୍ତି। ୧୫ ୱାର୍ଡବିଶିଷ୍ଟ ଭୁବନ ଏନ୍‌ଏସିରେ ମତଦାନ ଲାଗି ୧୮ ବୁଥ୍ କରାଯାଇଥିଲା। ମୋଟ ୧୪, ୫୦୧ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି। ଗୁରୁବାର ରାତି ସାଢ଼େ ୧୦ଟା ସୁଦ୍ଧା ପ୍ରାର୍ଥୀଙ୍କ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍‌ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ନିର୍ଦ୍ଧାରିତ ସମୟରେ ସମସ୍ତ ଇଭିଏମ୍ ଭୋଟଗଣତି କେନ୍ଦ୍ରକୁ ଅଣାଯିବ। ସିଲ୍ ଫିଟାଯିବା ପରେ ଭୋଟଗଣତି ହେବ। ପ୍ରାର୍ଥୀଙ୍କ ଦ୍ୱାରା ନିୟୋଜିତ ଏଜେଣ୍ଟମାନେ କାଉଣ୍ଟିଂ ସମୟରେ ଉପସ୍ଥିତ ରହିପାରିବେ। ଏଥିଲାଗି ପରିଚୟପତ୍ର ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ନିୟମିତ ବ୍ୟବଧାନରେ ଫଳାଫଳ ସମ୍ପର୍କରେ ସୂଚନା ଦିଆଯିବ। ସେହିପରି ଏଲ୍‌ସିଡି ପରଦାରେ ଏ ସମ୍ପର୍କିତ ତଥ୍ୟ ପ୍ରଦର୍ଶିତ ହେବ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ବ୍ଲକ କାର୍ଯ୍ୟାଳୟ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ନିର୍ବାଚନ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଭୁବନରେ ୬ ନଗରପାଳ ପ୍ରାର୍ଥୀ ଏବଂ ୩୯ କାଉନ୍‌ସିଲର ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ମତଗଣନାରେ ୨୨ କର୍ମଚାରୀ ନିୟୋଜିତ

**କାମାକ୍ଷାନଗର, ୨୫।୩(ଡି.ଏନ୍.ଏ.)**

### କାମାକ୍ଷାନଗର ଏନ୍‌ଏସି

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ନିର୍ବାଚନର ଚୂଡ଼ାନ୍ତ ଫଳାଫଳ ଶନିବାର ପ୍ରକାଶ ପାଇବ। ମତଗଣନା ଲାଗି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭୋଟ ଗଣତି ହେବାକୁ ଥିବାବେଳେ ଏଥିଲାଗି ୨୨ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅଧ୍ୟକ୍ଷ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଲାଗି ୨ଟି ଏବଂ କାଉନ୍‌ସିଲର ପଦବୀରେ ଲଢୁଥିବା ପ୍ରାର୍ଥୀଙ୍କ ମତଗଣନା ଲାଗି ୨ଟି ଟେବୁଲ୍ କରାଯାଇଛି। ପୂର୍ବାହ୍ନ ୮ଟାରୁ ଭୋଟଗଣତି ଆରମ୍ଭ ହୋଇ ୧୧ଟା ସୁଦ୍ଧା ଶେଷ ହେବ। ଏହାପରେ ଫଳାଫଳ ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ଝସକେତନ ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କାମାକ୍ଷାନଗର ଏନ୍‌ଏସି ନଗରପାଳ ପଦବୀରେ ୫ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଯୋଗ୍ୟତାଭିତ୍ତିକ ପ୍ରାର୍ଥୀ ନ ଥିବାରୁ ୧୫ନଂ. ୱାର୍ଡ ଖାଲି ପଡ଼ିଛି। ଅବଶିଷ୍ଟ ୧୪ଟି ୱାର୍ଡ ମଧ୍ୟରୁ ୫ଟିରେ ବିଜେଡି ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ତେଣୁ ୯ଟି ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶନିବାର ୫ ନଗରପାଳ ପ୍ରାର୍ଥୀ ଏବଂ ୨୬ କାଉନ୍‌ସିଲ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଥିବା ଇଭିଏମ୍‌ରୁ ବାହାରିବ। ଦୀର୍ଘଦିନ ବ୍ୟବଧାନ ପରେ ଏନ୍‌ଏସି ବାସିନ୍ଦା ସେମାନଙ୍କ ନିର୍ବାଚିତ ପ୍ରତିନିଧି ପାଇବାକୁ ଯାଉଥିବାବେଳେ ଏହାକୁ ନେଇ ବ୍ୟାପକ ଉତ୍ସାହ ପ୍ରକାଶ ପାଇଛି।

# ବିଳାସିନୀ ଜିଲା ପରିଷଦ ଉପସଭାପତି



ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ଜିଲା ପରିଷଦ ଉପସଭାପତି ବିଳାସିନୀ ସେଠୀଙ୍କୁ ସମର୍ଥକମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଉଛନ୍ତି।

**ଢେଙ୍କାନାଳ ଅଫିସ, ୨୫।୩**

ଢେଙ୍କାନାଳ ଜିଲା ପରିଷଦ ଉପସଭାପତି ଭାବେ ବିଳାସିନୀ ସେଠୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଏକମାତ୍ର ପ୍ରାର୍ଥୀ ଭାବେ ଏହି ପଦବୀ ଲାଗି ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ଏବଂ ପ୍ରତ୍ୟାହାର ପ୍ରକ୍ରିୟା ସମୟସୀମା ଶେଷ ହେବାପରେ ଜିଲାପାଳ ସରୋଜ କୁମାର ସେଠୀ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶୁକ୍ରବାର ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ସମସ୍ତ ୨୭ ଜୋନ୍‌ର ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବିଳାସିନୀଙ୍କ ଘର ପରଜଙ୍ଗ ବ୍ଲକ କନ୍ଦରସିଂହା ପଞ୍ଚାୟତରେ। ସେ ୨୦୧୭ରେ ସମିତିସଭ୍ୟା ପଦବୀରେ ବିଜୟୀ ହୋଇ ପରବର୍ତ୍ତୀ ସମୟରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲା। ଚଳିତ ପଞ୍ଚାୟତ ଭୋଟ୍‌ରେ ପରଜଙ୍ଗ ବ୍ଲକର ୨୦ନଂ. ଜୋନ୍‌ରୁ ବିଜେଡି ଟିକେଟ୍‌ରୁ ସେ ଜିଲା ପରିଷଦ ପଦବୀରେ ଲଢ଼ି ବିଜୟୀ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ପଞ୍ଚାୟତ ନିର୍ବାଚନରେ ଢେଙ୍କାନାଳ ଜିଲାରେ ବିଜେଡିକୁ ଆଶାତୀତ ସଫଳତା ମିଳିଥିଲେ ମଧ୍ୟ ପରଜଙ୍ଗ ବ୍ଲକ ଅଧ୍ୟକ୍ଷ ପଦବୀ ଭାଜପା ହାତେଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ଗଡ଼ ହୋଇଥିଲେ ମଧ୍ୟ ଏଠାରେ ଦଳ ଆଶାଜନକ ପ୍ରଦର୍ଶନ କରିପାରି ନ ଥିଲା। ତେଣୁ ସଙ୍ଗଠନ ସୁଦୃଢ଼ କରିବାକୁ ଜିଲା ପରିଷଦ ଉପସଭାପତି ପଦବୀ ପରଜଙ୍ଗ ବ୍ଲକକୁ ଦିଆଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଉଭୟ ଜିଲା ପରିଷଦ ସଭାପତି ଏବଂ ଉପସଭାପତି ପଦବୀରେ ମହିଳା ନିର୍ବାଚିତ ହୋଇଥିବାରୁ ଏହାକୁ ନେଇ ଆଲୋଚନା ଜୋର୍ ଧରିଛି।

ବିଳାସିନୀ ନିଜ ପ୍ରତିକ୍ରିୟାରେ କୁହନ୍ତି, ମୁଖ୍ୟମନ୍ତ୍ରୀ, ଖଣିମନ୍ତ୍ରୀ, ଜିଲାର ସମସ୍ତ ବିଧାୟକ, ଏମ୍‌ପି ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଜିଲାର ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ସେ ଆବଶ୍ୟକ ସହଯୋଗ କରିବେ।

## ବିବାହ ପୂର୍ବରୁ ପ୍ରେମିକାଙ୍କୁ ଛାଡ଼ି ପ୍ରେମିକ ଫେରାର

**ସୋର, ୨୫।୩(ଡି.ଏନ୍.ଏ.):**

ଶୁକ୍ରବାର ଖଇରା ବ୍ଲକରୁ ଏକ ପ୍ରେମୀଯୁଗଳ ଉଭୟ ପରିବାରଙ୍କ ଉପସ୍ଥିତିରେ ବିବାହ କରିବାକୁ ସୋରକୁ ଆସିଥିବା ବେଳେ ହଠାତ୍ ବିବାହସ୍ଥଳରୁ ପ୍ରେମିକାଙ୍କୁ ଛାଡି ପ୍ରେମିକ ଫେରାର ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଯୁବକ ୩ବର୍ଷ ହେଲା ଯୁବତୀଙ୍କୁ ପ୍ରେମ କରୁଥିଲେ। ହେଲେ ଯୁବକ ଜଣକ ବିଭିନ୍ନ ଆଳ ଦେଖାଇ ବିବାହକୁ ଟାଳି ଦେଉଥିଲେ। ୩ଦିନ ପୂର୍ବେ ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ହୋଲି ମେଳଣ ଉତ୍ସବରେ ସମ୍ପୃକ୍ତ ଯୁବକଙ୍କୁ ଦେଖି ପ୍ରେମିକାଙ୍କ ଘର ଲୋକେ ଘରକୁ ନେଇ ରଖିଥିଲେ। ଉଭୟଙ୍କ ଜାତିଗତ ସମସ୍ୟା ଥିବା ସତ୍ତ୍ୱେ ଉଭୟ ପରିବାର ନିଷ୍ପତ୍ତିରେ ଆଇନସମ୍ମତ ଭାବେ ବିବାହ ସମ୍ପନ୍ନ କରାଇବାକୁ ପ୍ରେମୀଯୁଗଳଙ୍କୁ ନେଇ ସୋରରେ ପହଞ୍ଚିଥିଲେ। ହେଲେ ବିବାହ ପୂର୍ବରୁ ପ୍ରେମିକ ପାନ ଆଣିବା ବାହାନାରେ ଅନ୍ୟ ଜଣେ ସାଙ୍ଗ ସ୍କୁଟିରେ ବସିଯିବା ପରେ ଆଉ ଫେରି ନ ଥିଲେ। ଉଭୟ ପକ୍ଷରୁ ମୋବାଇଲରେ ଯୁବକଙ୍କ ସହ ଯୋଗାଯୋଗ କରିବା ସମ୍ଭବ ନ ହେବାରୁ ପ୍ରେମିକଙ୍କ ବାପା କନ୍ୟାପକ୍ଷଙ୍କ ଆକ୍ରୋଶର ଶିକାର ହୋଇଥିଲେ। ମୁଦି ପିନ୍ଧାଇ ବୋହୂ କରି ନେଇଯିବାକୁ ପ୍ରସ୍ତୁତ ହୋଇ ଆସିଥିବା ପ୍ରେମିକଙ୍କ ବାପା ଅକଳସ୍ଥିତିରେ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ଖଇରା ଥାନାରେ ଲିଖିତ ଅଭିଯୋଗ କରିବାକୁ କନ୍ୟାପକ୍ଷ ନିଷ୍ପତ୍ତି ନେଇ ଫେରିଯାଇଛନ୍ତି।

## ୩ ମାମଲା, ୫ ଗିରଫ




**ଢେଙ୍କାନାଳ ଅଫିସ, ୨୫।୩**

### ଥାନାରେ ଭାଜପା-ବିଜେଡି କର୍ମୀ ହାତାହାତି ଘଟଣା

ପୌର ନିର୍ବାଚନରେ ଆରୋପ-ପ୍ରତ୍ୟାରୋପକୁ ନେଇ ଢେଙ୍କାନାଳ ଟାଉନ୍ ଥାନାରେ ଭାଜପା-ବିଜେଡି କର୍ମୀଙ୍କ ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ୩ ପୃଥକ୍ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ରୁଜୁ କରାଯାଇଥିବା ମାମଲା (ନଂ.୧୭୪/୨୨)କୁ ଭିତ୍ତିକରି ଉଭୟ ଗୋଷ୍ଠୀର ୫ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସଞ୍ଜୀବ ପାତ୍ର, ଦିବ୍ୟରଞ୍ଜନ ପାତ୍ର, ମହାଦେବ ପାତ୍ର, ରାମଚନ୍ଦ୍ର ନାୟକ ଏବଂ ସତୀଶ ଜେନା। ସେହିପରି ଭାଜପା ଏବଂ ବିଜେଡି ସମର୍ଥକଙ୍କ ପକ୍ଷରୁ ହୋଇଥିବା ପୃଥକ୍ ଅଭିଯୋଗ (କେସ୍ ନଂ. ୧୭୦/୨୨ ଏବଂ ୧୭୨/୨୨) ଅନୁଯାୟୀ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନିଆଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଗୁରୁବାର ମତଦାନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ମୁକ୍ତାଦେଇପୁରଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ୍ ବାହାରେ ବିଜେଡି-ଭାଜପା ସମର୍ଥକଙ୍କ ମଧ୍ୟରେ କଥା କଟାକଟି ହୋଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଜେଡି କର୍ମୀଙ୍କ ଆକ୍ରମଣରେ ଭାଜପାର ସଞ୍ଜୀବ କୁମାର ପାତ୍ର ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ସଞ୍ଜୀବ ବିଜେଡିର ୪ ସମର୍ଥକଙ୍କ ନାମରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ବିଜେଡି ସମର୍ଥକମାନେ ପାଲଟା ଅଭିଯୋଗ କରିବାକୁ ଥାନାକୁ ଯାଇଥିବା ବେଳେ ସେଠାରେ ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ। ଫଳରେ ଥାନା ପରିସର ରଣକ୍ଷେତ୍ର ପାଲଟିଥିଲା। ଏଥିରେ ବିଜେଡିର କାଉନ୍‌ସିଲର ପ୍ରାର୍ଥୀ ବିମଳ ନାୟକଙ୍କ ସମେତ ୩ଜଣ ଆହତ ହୋଇଥିଲେ। ଘଟଣା ବେଳେ ଥାନାରେ ମାତ୍ର ୩ଜଣ କର୍ମଚାରୀ ଉପସ୍ଥିତ ଥିଲେ। ତେଣୁ ସେମାନେ ପରିସ୍ଥିତି ନିୟନ୍ତ୍ରଣ କରିପାରି ନ ଥିଲେ। ଅନ୍ୟପଟେ ଘଟଣାର ଦୀର୍ଘ ୪୫ ମିନିଟ ଯାଏ କୌଣସି ଅଧିକାରୀ ଥାନାରେ ନ ପହଞ୍ଚିବା ଆଲୋଚନାର ବିଷୟ ହୋଇଛି। ଶୁକ୍ରବାର ଆପୋସ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ ପାଇଁ ଉଦ୍ୟମ କରାଯାଇଥିବାବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ଜନସାଧାରଣଙ୍କ ନଜର ରହିଥିଲା। ଏହାପରେ ୫ଜଣଙ୍କୁ ଗିରଫ କରାଯାଇଛି।

## ଅହମ୍ମଦିଆ ମୁସ୍‌ଲିମ୍ ପ୍ରତିଷ୍ଠା ଦିବସ

**ଢେଙ୍କାନାଳ ଅଫିସ, ୨୫।୩**

ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାସ୍ଥିତ ଜାମା ମସ୍‌ଜିଦ୍‌ରେ ଗୁରୁବାର ଅହମ୍ମଦିଆ ମୁସ୍‌ଲିମ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଧର୍ମସଭାରେ ସଭାପତି ସୁଲେମାନ ଅଲ୍ଲି ଖାଁ ପୌରୋହିତ୍ୟ କରି କହିଲେ, ୧୩୩ ବର୍ଷ ପୂର୍ବେ ଅହମ୍ମଦିଆ ମୁସଲିମ୍ ସମ୍ପ୍ରଦାୟ ଗଠନ ହୋଇଥିଲା। ଏହି ସମ୍ପ୍ରଦାୟ ସମାଜରେ ପ୍ରେମ, ଶାନ୍ତି ଏବଂ ମାନବବାଦର ବାର୍ତ୍ତା ପ୍ରଚାର କରିବାରେ ନିରନ୍ତର ପ୍ରୟାସ କରିଆସୁଛି।

ମୁଖ୍ୟବକ୍ତା ମୌଲବୀ ଲିଆକତ୍ ଅଲ୍ଲି ଖାଁ ପ୍ରତିଷ୍ଠା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଖ୍ ତନବୀର କୋରାନ୍ ପାଠ କରିଥିଲେ। ଅକ୍‌ସର ଉଦ୍ଦିନ, ଶେଖ୍ ସଫିର, ଶେଖ୍ ଅଜିତ୍, ଜାହିଦ ଖାଁ, ଶେଖ୍ ସୈଫୁର, ରମଜାନ ବକ୍ସ, ମହମ୍ମଦ ଖାଁ ନଜମ୍ ପରିବେଷଣ କରିଥିଲେ।



ପ୍ରତିଷ୍ଠା ଦିବସରେ ଅହମ୍ମଦିଆ ମୁସ୍‌ଲିମ୍ ସଙ୍ଗଠନର କର୍ମକର୍ତ୍ତାମାନେ।

# ଶରଣ ଶ୍ରୀକ୍ଷେତ୍ର ଅଭିମୁଖେ ବିଗ୍ରହଙ୍କ ଦାରୁ

### ଆଜି ଶ୍ରୀଜଗନ୍ନାଥ, ସୁଦର୍ଶନଙ୍କ ଦାରୁ ଛେଦନ

**ଢେଙ୍କାନାଳ ଅଫିସ, ୨୫।୩**



ଶରଣ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିବା ଦାରୁ ଶଗଡ଼ି।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମ ଶରଣ ଶ୍ରୀକ୍ଷେତ୍ରରେ ଶ୍ରୀବିଗ୍ରହ ନିର୍ମାଣ ନିମନ୍ତେ ପବିତ୍ର ଦାରୁ ସଂଗ୍ରହ ପାଇଁ ବନଯାଗ ଯାତ୍ରା ୨୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଦାରୁ ଚିହ୍ନଟ କାର୍ଯ୍ୟ ଶେଷ ହୋଇଛି। କପିଳାସ ନିକଟ ବଣିଆରୁ ମହାପ୍ରଭୁ ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କର ଏବଂ ଧଳପୁରସ୍ଥିତ ରଣେଶ୍ୱର ମହାଦେବଙ୍କ ପୀଠ ନିକଟରୁ ମହାପ୍ରଭୁ ଜଗନ୍ନାଥ ଏବଂ ସୁଦର୍ଶନଙ୍କ ଦାରୁ ଠାବ କରାଯାଇଛି। ଗୁରୁବାର ଯଥାବିଧି ପୂଜାର୍ଚ୍ଚନା ପରେ ବଳଭଦ୍ର ଏବଂ ସୁଭଦ୍ରାଙ୍କ ଦାରୁ ଛେଦନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ଉଭୟ ଦାରୁ ଶଗଡ଼ରେ ଶରଣ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଘଣ୍ଟ, ଘଣ୍ଟା, ହରିବୋଲ, ହୁଳହୁଳି, ନାମ ସଂକୀର୍ତ୍ତନ, ଜୟ ଜଗନ୍ନାଥ ଧ୍ୱନିରେ ଉଚ୍ଛୁଳି ପଡ଼ିଥିଲା ସମଗ୍ର ଅଞ୍ଚଳ। ବିଭିନ୍ନ ସ୍ଥାନରେ ଦାରୁ ଶଗଡ଼ିକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଶନିବାର (୨୬ ତାରିଖରେ) ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନଙ୍କ ଦାରୁ ଛେଦନ କାର୍ଯ୍ୟ ସମ୍ପନ୍ନ ହେବ। ୨୮ ତାରିଖରେ ଶରଣ ଶ୍ରୀକ୍ଷେତ୍ରରେ ସମସ୍ତ ୪ ଦାରୁ ପହଞ୍ଚିବେ। ୨୯ ତାରିଖରେ ସର୍ବସାଧାରଣ ଦର୍ଶନ ସହିତ ଯଜ୍ଞ ପୂର୍ଣ୍ଣାହୁତି ହେବ। ଏହାପରେ ଦାରୁଙ୍କ ଗମ୍ଭୀରା ବିଜେ ନୀତି ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।

